# ସଙ୍ଗଠନ ସୁଦୃଢ କରିବାକୁ ବିଜେପିର ମାରାଥନ ବୈଠକ

■ ରଗଡି,ତାଂ୩୦।୩(ପିଏନଏସ)
ନିର୍ବାଚନ ତାରିଖ ଘୋଷଣା ସରିଛି। ଶେଷ ପର୍ଯ୍ୟାୟଅର୍ଥାତ ଜୁନ ୧ରେ ଯାଜପୁର ଲୋକସଭା ଅନ୍ତର୍ଗତ ସମସ୍ତ ବିଧାନସଭାରେ ନିର୍ବାଚନ । ଏହି ଅବସରରେ କୋରେଇ ବିଜେପି ପକ୍ଷରୁ ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ସଂଗଠନ ସୁଦୃଢ଼ ପାଇଁ ସମସ୍ତ ପଞ୍ଚାୟତରେ ପଞ୍ଚାୟତ ଓ ବୁଥ ସ୍ତରର କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ବୈଠକ ଆୟୋଜନ କରାଯାଇଛି। ବୈତରଣୀ ମଣ୍ଡଳ ସଭାପତି ତଥା ସାଦକପୁର ସରପଞ୍ଚ ରବୀନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ବୈଠକ ବାରଦାରେ ଅନୁଷ୍ଠିତ ହୋଇଛି। ସମସ୍ତ ବୈଠକରେ ମୁଖ୍ୟଅତିଥି ଭାବେ କୋରାଇ ବିଜେପି ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ଦଳ କିଭଳି ସବୁ ସ୍ତରର

ଲୋକମାନଙ୍କ ନିକଟତର ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୦ ବର୍ଷର ସୁଶାସନ ଓ ବିଭିନ୍ନ ଲଭାର୍ଥୀ ଯୋଜନାରେ ସେମାନଙ୍କର ସମ୍ପୃକ୍ତି ବିଷୟରେ ଆଲୋଚନା କରିବା, ଓଡ଼ିଶାର ବିକାଶରେ କେନ୍ଦ୍ର ସରକାରଙ୍କ ଯୋଗଦାନ ଉପରେ ସମସ୍ତଙ୍କୁ ଅବଗତ କରାଇବାକୁ ୫ ଜଣିଆ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ହଳଦିଗଡିଆ ପଞ୍ଚାୟତ ବୈଠକ ସଭାପତି ସୁବାସ ନାଥଙ୍କ ସଭପତିତ୍ୱରେ ବ୍ରାହ୍ମଣଦା ଠାରେ, ତାରାକୋଟ ପଞ୍ଚାୟତ ବୈଠକ ସଭାପତି ନୀଳମଣି ସିଂଙ୍କ ସଭାପତିତ୍ୱରେ ତାରାକୋଟରେଅନୁଷ୍ଠିତ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ବିକ୍ରମ ବିଶ୍ୱାଳ, ଜିଲ୍ଲା ଉପସଭାପତି ପ୍ରମୋଦ ନାୟକ , ଯତୀନ ଦାସ, ଶେଖ ରିଆଯୁଦ୍ଦିନ ମହମ୍ମଦ, ଶେଖ ଝମ୍ପୋ, ରାଜେନ୍ଦ୍ର ମଲ୍ଲିକ, ଗୋକୁଳ ପରିଡ଼ା, କରୁଣାକର ନାଥ, କୁଳମଣି ଜେନା, ଗୌରାଙ୍ଗ ମଲ୍ଲିକ, ଶରତ ଜେନା, ଅମୂଲ୍ୟ ମଲ୍ଲିକ, ରଞ୍ଜନ ମହାନ୍ତି, ରାମଚନ୍ଦ୍ର ନାଥ, ଶରଣ ସାହୁ, ସଞ୍ଜୟ ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ପଞ୍ଚାୟତର କାର୍ଯ୍ୟକର୍ତ୍ତା ,ବୁଥ କାର୍ଯ୍ୟକାର୍ତ୍ତାମାନେ ଉପସ୍ଥିତ ରହି ନିର୍ବାଚନ ପାଇଁ ରଣନୀତି ବିଷୟରେ ଆଲୋଚନା କରିଥିଲେ।

● ଚଣ୍ଡିଖୋଲ ବାର ଆସୋସିଏସନ

# ୧୦ମ ଥର ଜିତି ପ୍ରକାଶଙ୍କ ରେକର୍ଡ

■ ଚଣ୍ଡିଖୋଲ, ତାଂ୩୦।୩(ପିଏନଏସ)
ଚଣ୍ଡିଖୋଲ ବାର ଆସୋସିଏସନ ନିର୍ବାଚନରେ ସଂପାଦକ ପ୍ରାର୍ଥୀ ପ୍ରକାଶ ଦାଶ ୧୦ମ ଥର ଲାଗି ବିଜୟ ଲାଭ କରି ରେକର୍ଡ ସୃଷ୍ଟି କରିଛନ୍ତି । ୧୦୩ ଖଣ୍ଡ ଭୋଟ ପାଇ ସେ ବିଜୟ ଲାଭ କରିଛନ୍ତି । ଅପରପକ୍ଷରେ ତାଙ୍କ ସମର୍ଥିତ ସଭାପତି ପ୍ରାର୍ଥୀ ଦେବରାଜ ବେହେରା ୮୧ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ମଧ୍ୟ ସେ ସଭାପତି ହୋଇଥିଲେ।

ସଂପାଦକ ପଦବୀ ଲାଗି ୨ଜଣ ପ୍ରାର୍ଥୀ ଥିଲେ। ତେବେ ସଭାପତି ପଦ ଲାଗି ଦେବରାଜଙ୍କ ସହ ୩ଜଣ ପ୍ରାର୍ଥୀ ହୋଇଥିଲେ । ଏଥିରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସଂପର୍କୀୟ ଶଶାଙ୍କ ଶତପଥୀ ମଧ୍ୟ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ। କିନ୍ତୁ ନିର୍ବାଚନରେ ଶ୍ରୀ ଶତପଥୀଙ୍କୁ ତୃତୀୟସ୍ଥାନରେ ରହିବାକୁ ହୋଇଛି। ଉପସଭାପତିଭାବେ ଶ୍ରୀକାନ୍ତ କୁମାର ବଳ ନିର୍ବାଚିତ ହୋଇଛନ୍ତି।

ଯୁଗ୍ମ ସଂପାଦକ ଭାବରେ ଶିରିଶ କୁମାର ସାମଲ , କୋଷାଧକ୍ଷଭାବେ ଚିନ୍ମୟ କୁମାର ପ୍ରତାପ, ସହ-ସଂପାଦକ (ସାଂସ୍କୃତିକ) ଭାବେ ବୀରେନ କୁମାର ବିଶ୍ୱାଳ, ସହ-ସଂପାଦକ (ଆଥଲେଟିକ) ଭାବେ ତରୁଣ କୁମାର ବିଶ୍ୱାଳ, ସହ-ସଂପାଦକ (ଲାଇବ୍ରେରୀ) ଭାବେ ବିଜୟ ରାଉଳ ଏବଂ କାର୍ଯ୍ୟକାରୀ ପରିଷଦକୁ ଅଜିତ କୁମାର ଜେନା, ଆଶିଷ କୁମାର ମହାପାତ୍ର, ବିଶ୍ୱରଂଜନ ବେହେରା ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

ବାର ଆସୋସିଏସନର ସଂପାଦକ ପଦରେ ୧୦ମ ଥର ଲାଗି ନିର୍ବାଚିତ ହେବା ପରେ ଆଡଭୋକେଟ ଶ୍ରୀ ଦାଶ ଏଥିପାଇଁ ତାଙ୍କର ସମସ୍ତ ସହଯୋଗୀ ଏବଂ ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଡଭୋକେଟ ଶ୍ରୀ ଦାଶ ହେଉଛନ୍ତି ବରଦା ଗ୍ରାମର ସ୍ୱର୍ଗୀୟ ମହନ୍ତ ଭଗବାନ ଦାଶଙ୍କ ପୁଅ ଏବଂ ଅବସରପ୍ରାପ୍ତ ମେଜର ସୁବେଦାର ପ୍ରଭାତ କୁମାର ଦାଶଙ୍କ ଭାଇ। ତାଙ୍କର ଏହି ବିଜୟ ପାଇଁ ବରଦା ଓ ବାଲିପଡିଆ ଗ୍ରାମବାସୀମାନେ ଅଭିନନ୍ଦନ ଜଣାଇଛନ୍ତି।

● ଦେବରାଜ ବେହେରା ସଭାପତି ହେଲେ
● ବିଧାୟକଙ୍କ ସଂପର୍କୀୟ ତୃତୀୟ ସ୍ଥାନରେ

# ଜିଲ୍ଲାସ୍ତରୀୟ ଓକିଲ ସଂଘ ନିର୍ବାଚନ

■ ଜଗତସିଂହପୁର, ତା ୩୦।୩ (ପିଏନଏସ)
ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶାନାମା ଅନୁସାରେ ଶନିବାର ରାଜ୍ୟରେ ସମସ୍ତ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜଗତସିଂହପୁର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।ଏହି ନିର୍ବାଚନରେ ଜିଲ୍ଲା ଓକିଲ ସଂଘ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ମହାନ୍ତି ବିଜୟୀ ହୋଇଛନ୍ତି ।ରବିନ୍ଦ୍ରନାଥ ମହାନ୍ତି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ସୁବାଷ ଭୂଷଣ ମହାପାତ୍ରଙ୍କୁ ୭୫ ଖଣ୍ଡ ଭୋଟରେ ପରାସ୍ତ କରି ଜିଲ୍ଲା ଓକିଲ ସଂଘର ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି । ଆଇନଜୀବୀ ନରେଶ ଦାସ ଚତୁର୍ଥ ଥର ପାଇଁ ନିର୍ଦ୍ଦ୍ୱନ୍ଦ୍ୱରେ ସଂପାଦକ ଭାବରେ ନିର୍ବାଚିତ ହୋଇଥିଲେ । ସେହିପରି ଉପସଭାପତି ଭାବରେ ସରୋଜ ବିଶ୍ୱାଳ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱି ନୃସିଂହ ବାରିକଙ୍କୁ ୯୮ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି । ଯୁଗ୍ମ ସଂପାଦକ ଭାବରେ ଅମୀୟ କୁମାର ମହାପାତ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱି ରାମାନନ୍ଦ ପଣ୍ଡାଙ୍କୁ ୧୪୨ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି ।କୋଷାଧକ୍ଷ ଭାବରେ ଦୁର୍ଯ୍ୟୋଧନ ରାଉତ ନିକଟତମ ପ୍ରତିଦ୍ୱନ୍ଦ୍ୱି ବିବେକାନନ୍ଦ ନାୟକଙ୍କ ଠାରୁ ୩୦ଖଣ୍ଡ ଭୋଟ ଅଧିକ ପାଇ ବିଜୟ ହାସଲ କରିଛନ୍ତି ।ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଆଇନଜୀବୀ ପ୍ରମିଳା ମହାରାଜ,ପ୍ରକାଶ ଚନ୍ଦ୍ର ରାୟ,ରୁଦ୍ରନାରାୟଣ ନାୟକ,ସୁଦର୍ଶନ ଭୋଇ,ବିଭୁପ୍ରସାଦ ନନ୍ଦ,ସ୍ମୃତି ରଞ୍ଜନ ପଣ୍ଡା ଓ ପର୍ଶୁରାମ ରାଉତ ବିଜୟଲାଭ କରିଛନ୍ତି ।ଆଜିର ଏହି ନିର୍ବାଚନରେ ୩୩୯ ଜଣଆଇନଜିବୀ ନିର୍ବାଚନରେ ମତଦାନ କରିଥିଲେ ।ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅଧିକାରୀ ଭାବରେ ବରିଷ୍ଠ ଆଇନଜିବୀ ଶ୍ରୀକାନ୍ତ ନନ୍ଦ ଏହି ନିର୍ବାଚନକୁ ପରିଚାଳନା କରୁଥିବା ବେଳେ ବରିଷ୍ଠ ଆଇନଜିବୀ କୃଷ୍ଣଚନ୍ଦ୍ର ଭୂୟାଁ,ସଲିଲ କୁମାର ଘୋଷ,ଯଦୁମଣୀ ବିଶ୍ୱାଳ, ଚନ୍ଦ୍ରଶେଖର ନାୟକ,ସେଖ ଖୁର୍ସୀଦ ଅଲ୍ଲୀ ସହ ଯୋଗୀ ନିର୍ବାଚନ ଅଧିକାରୀ ବାବରେ କାର୍ଯ୍ୟ ତୁଲାଉଥିଲେ।

■ ବାଲୁଗାଁ,ତାଂ୩୦।୩ (ପିଏନଏସ)
ରାଜ୍ୟ ବାର କାଉନସିଲ ନିର୍ଦ୍ଦେଶ ମତେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ଆଇନଜୀବୀ ସଂଘ କର୍ମକର୍ତ୍ତା ମାନଙ୍କର ନିର୍ବାଚନ ଶନିବାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ନିର୍ବାଚନରେ ବରିଷ୍ଠ ଆଇନଜୀବୀ ବୃନ୍ଦାବନ ପ୍ରଧାନ ପୁନର୍ବାର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ରଞ୍ଜନ କୁମାର ବେଦମତ୍ତ ସମ୍ପାଦକ ଓ ରାମଚନ୍ଦ୍ର ପଲାଇ, ଉପ ସଭାପତି, ନରେନ୍ଦ୍ର କୁମାର ନାୟକ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସୁପ୍ରଭା ସାମନ୍ତରାୟ, ଦେବବ୍ରତ ବଡ଼ଜେନା ଓ ସନ୍ତୋଷ କୁମାର ମହାପାତ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ଶରତ କୁମାର ଲେଙ୍କା ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିବା ବେଳେ ସୁନିଲ କୁମାର ମହାପାତ୍ର ସହଯୋଗ କରିଥିଲେ। ନୂତନ ସଭାପତି ଶ୍ରୀ ପ୍ରଧାନ ପୂର୍ବରୁ ୨ଥର ବିଗତ ବର୍ଷରେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଚଳିତ ନିର୍ବାଚନରେ ପୁଣିଥରେ ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଶ୍ରୀ ପ୍ରଧାନ ନୂତନ ସଭାପତି ଭାବେ ନିର୍ବାଚିତ ହୋଇ କହିଛନ୍ତି ଯେ ଆଇନଜୀବୀ ମାନଙ୍କ ନିମନ୍ତେ ସାମାଜିକ ସୁରକ୍ଷା ଯଥେଷ୍ଟ ନୁହେଁ ଓ ସଂଘର ପ୍ରତ୍ୟେକ ସଭ୍ୟଙ୍କ ଭବିଷ୍ୟତ କଲ୍ୟାଣ ପାଇଁ ପାଣ୍ଠି ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

■ ନିଆଳି, ତା ୩୦।୩ (ପିଏନଏସ): ନିଆଳି ବ୍ଲକ୍ ଅନ୍ତର୍ଗତ ଜଲ୍ଲାରପୁର ସ୍ଥିତ ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ସାହୁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ସହକାରୀ ଶିକ୍ଷକ ରଶ୍ମୀ ରଞ୍ଜନ ନିଶଙ୍କଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ନିଆଳି ମଣ୍ଡଳ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ମହାପାତ୍ର ଯୋଗଦେଇଥିଲେ । ମୁଖ୍ୟ ବକ୍ତା ଭାବେ ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ଦୀକ୍ଷିତ ଓ ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ କମିଟିର ସଭାପତି ଙ୍ଗ. ପ୍ରଫୁଲ କୁମାର ସ୍ୱାଇଁ, ନିଆଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାପାତ୍ର, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅନନ୍ତ ନାରାୟଣ ସିଂହ, ଅତିରିକ୍ତ ମଣ୍ଡଳ ଅଧିକାରିଣୀ ହିରଣ୍ମୟୀ ମିଶ୍ର, ତାମ୍ପଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ତପନ କୁମାର ଆଚାର୍ଯ୍ୟ, କଟକ ଓଷ୍ଟାର କାର୍ଯ୍ୟକାରୀ ସଭାପତି ଦିଲ୍ଲିପ କୁମାର ମହାନ୍ତି, ନିଆଳି ନିଳମଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନଞ୍ଜୟ ମଲ୍ଲିକ, ଶାସନପଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ଜ୍ୟୋତି ରଂଜନ ଦାସ, ରତନପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବଦତ୍ତ ପ୍ରଧାନ ଓ ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଅବସର ନେଉଥିବା ପ୍ରଧାନ ଶିକ୍ଷକ ଭୀମସେନ ସାହୁଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟ ପକ୍ଷରୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ପ୍ରଧାନ ଶିକ୍ଷକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କ୍ରୀଡ଼ା ଶିକ୍ଷକ ସନାତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟାଭାରତୀର ବାର୍ଷିକ ଉତ୍ସବ

■ କୁଜଙ୍ଗ, ତାଂ୩୦।୩ (ପିଏନଏସ) : କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଲ ସ୍ଥିତ ବିକେସିଏମ୍ ସ୍କୁଲବିଦ୍ୟାଭାରତୀର ୧୯ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ସୁନାକର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରି ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ ଏହି ଉତ୍ସବକୁ ଉଦ୍‌ଘାଟନ କରିବା ସହ ପିତା ମାତାଙ୍କ ସେବା, ଦେଶ ଭକ୍ତି ଓ ତଥା ଶିକ୍ଷାରେ ଉତ୍କର୍ଷତା ସଭିଙ୍କ ଧ୍ୟେୟ ହେଉ ବୋଲି କହିଥିଲେ। ଚଳିତ ବର୍ଷ ବିଦ୍ୟାଳୟର ୨୩ ଜଣ ବିଦ୍ୟାର୍ଥୀ ବିଜ୍ଞାନ ଅଲମ୍ପିଆଡ୍‌ରେ ସଫଳତା ପାଇଥିବା ବେଳେ ୭ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପାଇବାକୁ ବିଦ୍ୟାଳୟର ସଫଳତାକୁ ଦର୍ଶାଉଥିବାରୁ ସାଧୁବାଦ ଜଣାଇଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାଧୁ ତଥା ସମାଜ ସଂସ୍କାରକ ଗୋବିନ୍ଦ ଭାଗବାନ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘର ବିଶିଷ୍ଟ ନେତା ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ମିଶ୍ର, ପ୍ରାକ୍ତନ ବ୍ୟାଙ୍କ୍ ଅଧିକାରୀ ରଜତ କୁମାର ମିଶ୍ର, ଶିକ୍ଷା କମିଟିର ସଭାପତି ତଥା ସେବା ନିବୃତ୍ତ ସେନା ଅଧିକାରୀ ପୂଣ୍ଡ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ସାମୁହିକ ସଂଗୀତ, ଛଦ୍ମବେଶ ପ୍ରତିଯୋଗୀତା, ଛାତ୍ର ଛାତ୍ରୀ ମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟହୋଇଥିଲା । ବିଦ୍ୟାଳୟଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ସୁନାକର ବିଶ୍ୱାଳଙ୍କୁ ଶ୍ରେଷ୍ଠ ଶିକ୍ଷକ ଓ ସିପ୍ରା ପ୍ରିୟଦର୍ଶନୀଙ୍କୁ ଶ୍ରେଷ୍ଠ ଛାତ୍ରୀ ରୂପେ ବିଦ୍ୟାଳୟର ମାନେଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟ ଗୁରୁଜୀ ଗୁରୁମା ମାନେ ପରିଚାଳନା କରିଥିଲେ । ବାର୍ଷିକ ଉତ୍ସବ ଅବ୍ୟବହିତ ପୂର୍ବରୁ ବିଭିନ୍ନ ପ୍ରକାର ୱାର୍କସପ୍‌ର ମଧ୍ୟ ଆୟୋଜନ କରାଯାଇଥିଲା ।

# କାଉପଡାରେ ବିଶ୍ୱଶାନ୍ତି ହନୁମାନ ମହାଯଜ୍ଞ

■ ଡେରାବିଶ ,ତାଂ୩୦। ୩(ପିଏନଏସ): ଡେରାବିଶ ବ୍ଲକ କାଉପଡା ପଂଚାୟତ ଅନ୍ତର୍ଗତ ଗାଁର ଆରାଧ ଦେବୀ ମା'ସୁନେଇଙ୍କ ପୀଠରେ ହନୁମାନ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ତିନିଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାଉପଡା ପଞ୍ଚାୟତ ସମେତ ଚାଟରାଚକଡା, ଗୁଆଳସିଂ ଓ ଗୋଲରାହାଟ ପଂଚାୟତରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଏଥିରେ ପୁରୋଧା ଭାବେ ନିତାଇ ପ୍ରଧାନ ଓ ଶୁଭଶ୍ରୀ ନାୟକ କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରତ୍ୟେହ ସଂଧ୍ୟାରେ ଅମ୍ବିକା ମିଶ୍ର ଓ ରଂଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭଜନ ସଂଧ୍ୟା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଦିବସରେ ବିଜେପି ନେତ୍ରୀ ମନୀଷା ପଣ୍ଡା, ତେଜେଶ୍ୱର ପରିଡା, ସମବାୟବିତ ଭାଗୀରଥି ସାହୁ ଓ କଂଗ୍ରେସ ନେତା ରତିକାନ୍ତ କାନୁନଗୋ ପ୍ରମୁଖ ଯୋଗଦେଇ ହନୁମାନଜୀଉଙ୍କ ଆଶିଷ କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ମଦନମୋହନ ମହାନ୍ତି , ଗୌରାଙ୍ଗ ପ୍ରଧାନ, ରତ୍ନାକର ଲେଙ୍କା, ଜଗନ୍ନାଥ ପରିଡା, ଅଶୋକ ମଲିକ ଓ ଖଗେଶ୍ୱର ମଲିକ ପ୍ରମୁଖ ପରିଚାଳନା କରିଥିଲେ ।

# ଗୁରୁକୁଳ ଉତ୍ସବ ଦ୍ୱିତୀୟ ସନ୍ଧ୍ୟା

■ ସତ୍ୟବାଦୀ,ତାଂ୩୦।୩ (ପିଏନଏସ): ତିନି ଦିନ ବ୍ୟାପି ଆୟୋଜିତ ଗୁରୁକୁଳ ଉତ୍ସବର ଦ୍ୱିତୀୟସନ୍ଧ୍ୟା ପ୍ରାରମ୍ଭରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟଗାୟନରୁ ଆରମ୍ଭ ହୋଇ ହାସ୍ୟ ରସାତ୍ମକ ପେଟେଣ୍ଟ ମେଡ଼ିସିନ ନାଟକରେ ଶେଷ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ର ସଚିବ ଶ୍ରୀ ପ୍ରବୋଧ କୁମାର ରଥ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଦ୍ୱୈତ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ଗୁରୁ ବିଜୟା ନନ୍ଦ ନାୟକଙ୍କ ଦୁଇ ଶିଷ୍ୟା ସୁଶ୍ରୀ ସୁଭାଷିନୀ ରାଉତ ଏବଂ ନେହା ନିହାରିକା କର ପ୍ରସ୍ତୁତ କରିଥଲେ। ତବଲା ରେ ଗୁରୁ କୃଷ୍ଣ ଚନ୍ଦ୍ର ବରାଳ ସହଯୋଗ କରିଥିଲେ। ଗୁରୁ ବିଶ୍ୱରଂଜନ ନନ୍ଦ ଏବଂ ସାଥୀ କଳାକାର ମାନଙ୍କ ଦ୍ୱାରା ପରିବେଷିତ କାର୍ଯ୍ୟକ୍ରମକୁ ଗୁରୁ ଧନେଶ୍ୱର ସ୍ୱାଇଁ ସଂଯୋଜନା କରିଥଲେ। ତୃତୀୟ ରେ ଦଳ ଗତ ଓଡ଼ିଶୀ ନୃତ୍ୟ ନାଟିକା ଗ୍ଲାନି ସଂହାର ଜାଗୃତି ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଗୁରୁ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ଗୁରୁ ତ୍ରିଲୋଚନ ସାହୁ ପରିଚାଳନା କରିଥିଲେ। ଅନ୍ତିମ ପର୍ଯ୍ୟାୟ ରେ ବ୍ୟାସ କବି ଫକୀରମୋହନ ସେନାପତିଙ୍କ ରଚିତ ପେଟେଣ୍ଟ ମେଡ଼ିସିନ ନାଟକ ଶ୍ରୀ ପ୍ରସନ୍ନ କୁମାର ସାମନ୍ତ ଏବଂ ସାଥୀ ଭୁବନେଶ୍ୱର ଙ୍କ ଦ୍ୱାରା ପରିବେଷିତ ହୋଇଥଲା। ଉପସ୍ଥିତ ଦର୍ଶକ ପ୍ରତ୍ୟେକ କାର୍ଯ୍ୟକ୍ରମ କୁ ମନଭରି ଉପଭୋଗ କରିଥିଲେ। ଗୁରୁକୂଳ ର ପ୍ରତିଷ୍ଠାତା ଗୁରୁ ରାମହରି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସମ୍ପାଦକ ଗୁରୁ ହିମାଂଶୁ ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡିର ବୁଥ୍ କମିଟି ଗଠିତ

■ ରଘୁନାଥପୁର, ତା ୩୦। ୩ (ପିଏନଏସ) : ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଓ ବୁଥ କମିଟି ଗଠନ ଅନୁଷ